## ସାହିତ୍ୟ ଏକାଡେମୀ ପକ୍ଷରୁ ଦୃଶ୍ୟ ସଞ୍ଚାରୀ କାର୍ଯ୍ୟକ୍ରମ

# ପାଠକ ବଢ଼ାଏ ସାହିତ୍ୟର ଆଦର



କଲକାତା, ୯ ।୮ (ନି. ପ୍ର): ସାହିତ୍ୟ ଏକାଡେମୀ ପକ୍ଷରୁ ଦୃଶ୍ୟ ସଞ୍ଚାରୀ ୱେବିନାର ଅନୁଷ୍ଠିତ ହୋଇଛି । ଏକାଡେମୀର ପୂର୍ବାଞ୍ଚଳ ମୁଖ୍ୟ ଡକ୍ଟର ମିହିର ସାହୁଙ୍କ ସଂଯୋଜନାରେ 'ବଙ୍ଗଳା ସାହିତ୍ୟ ପାଠକ ହ୍ରାସ ପାଉଛି କି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟସୂଚୀରେ ସାହିତ୍ୟିକ ଆକବର ଅହମ୍ମଦ, ଆପ୍ପୁ ଶୁଭଙ୍କର ଦେ, ତରୁଣ ମୁଖୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଡକ୍ଟର ସାହୁ କହିଥିଲେ ଯେ ସାହିତ୍ୟ ଏକାଡେମୀ ଦେଶର ୨୪ଟି ଭାଷା ସହିତ ବହୁ ଉପଭାଷାର ପୁସ୍ତକ ପ୍ରକାଶ କରିଥାଏ । ସମଗ୍ର ବିଶ୍ୱରେ ସାହିତ୍ୟ ଏକାଡେମୀ ସର୍ବବୃହତ୍ ପ୍ରକାଶନ ସଂସ୍ଥା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ବକ୍ତବ୍ୟ ଥିଲା ଯେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସାହିତ୍ୟ ବାଧା ପ୍ରାପ୍ତ ହେଉଛି । ପାଠକ ସଂଖ୍ୟା ହ୍ରାସ ପାଉଥିବା ବିଷୟ ମଧ୍ୟ ଚର୍ଚ୍ଚା ମଧ୍ୟକୁ ଆସିଛି । କିନ୍ତୁ ଏହାର ବାସ୍ତବତାକୁ ମାନି ହେବ ନାହିଁ । କାରଣ ପ୍ରକାଶନ ସଂସ୍ଥା ମଧ୍ୟ ବଢ଼ିବଢ଼ି ଚାଲିଛି ।

ସଭାରେ ସାହିତ୍ୟିକ ଆକବର ଅହମ୍ମଦ କହିଥିଲେ ଯେ ବାଂଲା ଭାଷାର ପାଠକ ସଂଖ୍ୟା ହ୍ରାସ ପାଉଛି ବୋଲି ପ୍ରାୟ ୪ଶହ ବର୍ଷ ଧରି ଏକ ଆଶଙ୍କା ସୃଷ୍ଟି ହୋଇଛି । କେତେକ କ୍ଷେତ୍ରରେ ଆଧିପତ୍ୟ ହରାଉଥିଲେ ସୁଦ୍ଧା ବାସ୍ତବ ସ୍ଥିତିରୁ ଓହରିନାହିଁ । ବାଂଲାଦେଶରେ ମଧ୍ୟ ଏହା ବାରମ୍ବାର ପ୍ରମାଣିତ ହୋଇଛି । ତାଙ୍କର ବକ୍ତବ୍ୟ ଯେ ଅବିଭକ୍ତ ବାଂଲାଦେଶରେ ଜମିଦାରଙ୍କ ଆଧିପତ୍ୟ ହ୍ରାସ ପାଇଥିବାବେଳେ ସାହିତ୍ୟକୁ ନେଇ କିଛି ବ୍ୟତିକ୍ରମୀ ପରିବେଶ ସୃଷ୍ଟି ହୋଇଥିଲା, କିନ୍ତୁ ଏହାର ଗୁରୁତ୍ୱ ସ୍ଥାୟୀ ହୋଇ ନାହିଁ । ପ୍ରକାଶକମାନେ ମଧ୍ୟ ସାହସୀ ଭୂମିକା ପାଳନ କରୁଛନ୍ତି, ଯାହାଦ୍ୱାରା ସାହିତ୍ୟର ଗତି ପ୍ରବାହିତ ହୋଇ ଚାଲିଛି । ବିଶେଷ କରି ଗ୍ରାମାଞ୍ଚଳରେ ସାହିତ୍ୟ ଏଭଳି ରୁଦ୍ଧିମନ୍ତ ହୋଇଥିଲା ଯେ କୌଣସି ବାଧା ସେଥିରେ ଛେଦ ପକାଇପାରି ନାହିଁ । ଏହିକ୍ଷେତ୍ରରେ କେବଳ ସାହିତ୍ୟ ସ୍ରଷ୍ଟା ନୁହଁନ୍ତି, ପ୍ରକାଶକ ଓ ପାଠକଙ୍କ ଭୂମିକା ରହିଛି । ସେ କହିଥିଲେ ଯେ ବାଂଲା ସାହିତ୍ୟ ଅବକ୍ଷୀଣ ଏବଂ ଏହାକୁ ପ୍ରତ୍ୟେକ ବଞ୍ଚାଇ ରଖିବା ପାଇଁ ସଂକଳ୍ପବଦ୍ଧ ।

ଅନ୍ୟତମ ବକ୍ତା ଆପ୍ପୁ ଶୁଭଙ୍କର ଦେ ପାଠକ ସଂଖ୍ୟା ହ୍ରାସ ପାଉଥିବା ଆଶଙ୍କାକୁ ସଂପୂର୍ଣ୍ଣ ଏଡ଼ାଇ ଦେଇ ହେବ ନାହିଁ । କାରଣ ବିଭିନ୍ନ ବହିମେଳାରେ ପୂର୍ବଭଳି ବହି ବିକ୍ରି ହେଉନାହିଁ । କିନ୍ତୁ ପାଠକ ସଂଖ୍ୟା ହ୍ରାସ ପାଉଛି ବୋଲି ହତାଶ ହେବାର କାରଣ ନାହିଁ । କାରଣ ସାହିତ୍ୟ ଅନୁରାଗର ମାଧ୍ୟମ ପରିବର୍ତ୍ତନ ହୋଇଛି । ସେହି କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ହେବ । ଏହା ସହିତ ବହିମେଳାଗୁଡ଼ିକର ସ୍ଥାନ ପରିବର୍ତ୍ତନ ହେଉଥିବାରୁ ବହି ବିକ୍ରିରେ ହ୍ରାସ ପାଇବା ମଧ୍ୟ ଏକ କାରଣ ।

ଅନ୍ୟତମ ବକ୍ତା ତରୁଣ ମୁଖୋପାଧ୍ୟାୟ କହିଥିଲେ ଯେ ଅତୀତରେ ବହି କ୍ରୟ କରିବାର କ୍ଷମତା ଅନେକଙ୍କ ନଥିଲା, କିନ୍ତୁ ବାଂଲା ସାହିତ୍ୟର ପ୍ରସାର ଅଟକି ନଥିଲା । ସେହି ଲକ୍ଷ୍ୟରେ ବର୍ତ୍ତମାନ ପରିସ୍ଥିତିରେ ବହି ବିକ୍ରି କିଛି ମାତ୍ରାରେ ହ୍ରାସ ପାଇଥିଲେ ସୁଦ୍ଧା ସାହିତ୍ୟର ଗତି ପ୍ରକୃତି ମଧ୍ୟ ବିବର୍ତ୍ତିତ ହୋଇଛି ।

ଅନ୍ୟମାନଙ୍କ ମଧ୍ୟରେ କବି ସୁବୋଧ ସରକାରଙ୍କ ସହିତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।




ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସେନାବାହିନୀର ବିଶେଷ ପ୍ରସ୍ତୁତି ଚାଲିଛି । ଫଟୋ: ଦିଲୀପ ଭୌମିକ